୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
# ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Wednesday December 17 ଭୁବନେଶ୍ୱର ବୁଧବାର, ୧୭, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ପଂଚାୟତିରାଜ ମନ୍ତ୍ରୀଙ୍କ ଗୋଲାମୁଣ୍ଡା ବ୍ଲକ ଗସ୍ତ : ବିଭିନ୍ନ ପ୍ରକଳ୍ପ କଲେ ଉଦଘାଟନ ଓ ଶିଳାନ୍ୟାସ



ଗୋଲାମୁଣ୍ଡା,(ପି.ଏନ): ପଂଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଗୋଲାମୁଣ୍ଡା ବ୍ଲକ ଗସ୍ତରେ ଆସି ଅନେକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ପ୍ରଥମେ ଗୋଲାମୁଣ୍ଡା ପଂଚାୟତ ସମିତି ପକ୍ଷରୁ ୨୦ ଲକ୍ଷ ଟଙ୍କା ବିନିମୟରେ ମନରେଗା ଯୋଜନାରେ ନିର୍ମିତ ଶହୀଦ ବିଜେନ୍ଦ୍ର ନାଥ ରାଉତ ସ୍ମୃତି ପାର୍କକୁ ଉଦଘାଟନ କରିଥିଲେ । ପରେ ଗୋଲାମୁଣ୍ଡା ଶିବାଜୀ ଷ୍ଟାଡିୟମ୍ ଠାରେ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇ ଆଗ୍ରମୀ ଦିନରେ ଗାଁ ଗାଁ ର ବିକାଶ କରିବା ସହିତ କଳାହାଣ୍ଡି ଜିଲ୍ଲା ଏକ ଦାଦନ ପ୍ରବଣ ଜିଲ୍ଲା ହୋଇଥିବାରୁ ସମସ୍ତଙ୍କ ସହଯୋଗରେ ଗାଁ ଗାଁ ରେ କାମ ।ଯୋଗାଇ ଦାଦନ ଖଟି ଯିବା ବନ୍ଦ କରାଯିବ ବୋଲି କହିଥିଲେ । ୧୫୦ ବିଶିଷ୍ଟ ଗାଁକୁ ପିଚୁ ସଡ଼କ କରାଯିବା ସହିତ ୨୦୨୬ ମସିହା ରେ ଜିଲ୍ଲାର ସମସ୍ତ ଗାଁକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରାଯିବ ବୋଲି କହିଥିଲେ । ସମସ୍ତ ଗରିବ ଲୋକଙ୍କୁ ଆବାସ ଘର ଯୋଗାଇ ଦିଆଯିବ ବୋଲି କହିଥିଲେ ।ଏଠାରେ ଭବାନୀପାଟଣା, ଗୋଲାମୁଣ୍ଡା, କର୍ଲାମୁଣ୍ଡା, କେସିଙ୍ଗା, ମ.ରାମପୁର, ନର୍ଲା, ଥିଆମୁଲ ରାମପୁର ବ୍ଲକ ପାଇଁ ୧୭୨.୪୭ କୋଟି ମୂଲ୍ୟର ୬୦୦ ଗୋଟି ପ୍ରକଳ୍ପ ଲୋକାର୍ପଣ ଓ ୩୯୨.୭୪ କୋଟି ଅଟକଳ ମୂଲ୍ୟର ୧୧୭୭ ଗୋଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି ସମୟରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ,ଜିଲ୍ଲାପାଳ ପାଓ୍ୱାର ସଚ୍ଚିନ ପ୍ରକାଶ,ଦୟାମୟ ପାଢ଼ୀ ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ,ଧର୍ମଗଡ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଷୀ, ଗୋଲାମୁଣ୍ଡା ବିଡ଼ିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚ଼ନ୍ଦନ କୁମାର ନାଏକ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ ,ଜୁନାଗଡ ପୂର୍ବତନ ବ୍ଲକ ଅଧକ୍ଷ ମନୋଜ କୁମାର ମେହେର, ବରିଷ୍ଠ ଓକିଲ ଦେବେନ୍ଦ୍ର ମହାନ୍ତି, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ବୃଷଭ ନାଏକ, ବରିଷ୍ଠ ବିଜେପି ନେତା ରମେଶ ମାଝୀ ଓ ପ୍ରଶାନ୍ତ ସାହୁ,ବିଜେପି ଯୁବ ନେତା ଦିବ୍ୟ ଜ୍ୟୋତି ମୁଣ୍ଡ, ବିଜୟ ଦେବ ସାହୁ, ବୈଶାଖୁ କେତକୀ, ପ୍ରମୋଦ ପ୍ରଧାନ, ଜୟ କୃଷ୍ଣ ସାହୁ ପ୍ରମୁଖ ମଂଶିନ ଥିଲେ । ଏହି କାର୍ଯ୍ୟକ୍ରମ ପରେ ୧ କୋଟି ୨୬ ଲକ୍ଷ ବିନିମୟରେ ନିର୍ମାଣ ହେବାକୁ ଥିବା ଅଡିଟୋରିୟମ, ୧୦ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହେବାକୁ ଥିବା ପଂଚାୟତ ସମିତି ଉନ୍ନୟନ ବିଭାଗ ପାଇଁ ରେକର୍ଡ ରୁମ୍ ?ର ନୂତନ ଗୃହ , ୧୦ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହେବାକୁ ଥିବା ପଂଚାୟତ ସମିତିରେ ଉନ୍ନୟନ ବିଭାଗ ପାଇଁ ନୂତନ କାର୍ଯ୍ୟାଳୟ କୋଠରୀର ଶିଳାନ୍ୟାସ କରିଥିବା ବେଳେ ୨୦ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ବ୍ଲକ ସଭାଗୃହକୁ ଉଦଘାଟନ କରିଥିଲେ । ଶେଷରେ ସ୍ଥାନୀୟ ଡୁଡୁକେଲ ଗ୍ରାମକୁ ଯାଇ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ଉଦ୍ୟମରେ ନିର୍ମାଣ ହେବାକୁ ଥିବା ମାଁ ତାରିଣୀଙ୍କ ଭବ୍ୟ ମନ୍ଦିର ପାଇଁ ଶିଳାନ୍ୟାସ କରିଥିଲେ, ଆଜି ପଂଚାୟତରାଜ ମନ୍ତ୍ରୀଙ୍କ ଗସ୍ତ ପାଇଁ ବିଜେପି କର୍ମୀ ବେଶ ଉତ୍ସାହିତ ଥିବା ବେଳେ ବ୍ଲକ ଅଧକ୍ଷ ଶ୍ରୀ ମହାନନ୍ଦଙ୍କ ନେତୃତ୍ୱରେ ୫ ହଜାରରୁ ଉର୍ଦ୍ଧ୍ୱ କର୍ମୀ ବୃନ୍ଦାବାହାଲଠାରେ ଉପସ୍ଥିତ ରହି ଭବ୍ୟ ସ୍ୱାଗତ କରିଥିବା ବେଳେ ବୃନ୍ଦାବାହାଲଠାରୁ ଗୋଲାମୁଣ୍ଡା ଶିବାଜୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ବାଇକ୍ ରେଲି ଅନୁଷ୍ଠିତ ହୋଇଥିଲା ।

## ଜାତୀୟ ସ୍ତରୀୟ ବିଭିନ୍ନ ପ୍ରକାର ମାର୍ଶାଲ କଳାରେ ବିଜେତାଙ୍କୁ ପ୍ରମାଣ ପତ୍ର ପ୍ରଦାନ ଉତ୍ସବ



ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଅଧୀନସ୍ଥ ବାଲକାଟି ଦୁଲାଦେଇ ମନ୍ଦିର ପରିସରରେ ରବିବାର ସନ୍ଧ୍ୟାରେ ଉମାକାନ୍ତ ମାର୍ଶାଲ ଆର୍ଟ ପକ୍ଷରୁ ତେଲେଙ୍ଗାନା ରାଜ୍ୟରେ ଅନୁଷ୍ଠିତ ଅନଲାଇନ ଜାତୀୟ ସ୍ତରୀୟ ବିଭିନ୍ନ ପ୍ରକାର ମାର୍ଶାଲ ପ୍ରତିଯୋଗୀତା ୨୦୨୫ ରେ ମୋଟ ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥି ମଧ୍ୟରୁ ସ୍ୱର୍ଣ୍ଣ ୯ ରୌପ୍ୟ ୭ ଓ କାଂସ୍ୟ ୬ ପଦକ ହାସଲ ସହିତ ପ୍ରମାଣ ପତ୍ର ଅର୍ଜନ କରି ବାଲକାଟି ଅଂଚଳର ଗୌରବ ବୃଦ୍ଧି କରିଛନ୍ତି । ଅନୁଷ୍ଠାନ ପକ୍ଷରୁ ପ୍ରଶିକ୍ଷକ ଉମାକାନ୍ତ ବେହେରାଙ୍କ ଆୟୋଜନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଆ ଚ଼ଳଚ୍ଚିତ୍ର ଜଗତର ବିଶିଷ୍ଟ ଗୀତିକାର ତଥା ସଂଳାପକାର ଡ ରଜନୀ ରଞ୍ଜନ ଦାଶ, ସମ୍ମାନୀତ ଅତିଥି ଭାବେ ସମାଜସେବୀ ସୁବ୍ରତ କୁମାର ମହାନ୍ତି, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ସୁଚ଼ିତ୍ର ଜେନା, ସନ୍ତୋଷ କୁମାର ଜେନାଙ୍କ ସହ ବିଜେତାଙ୍କ ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ ।

## ପାରାଦୀପ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ପାରାଦୀପ,(ପି.ଏନ): ପ୍ରତିବର୍ଷ ପରି ଚ଼ଳିତ ବର୍ଷ ଅଟଳ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ପାରାଦୀପ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପାରାଦୀପ ର ବିଭିନ୍ନ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ କ୍ଷ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପାୟୀ ଙ୍କ ଜନ୍ମଜୟନ୍ତୀ ଡିସେମ୍ବର ୨୫ ତାରିଖ ଠାରୁ ଡିସେମ୍ବର ୩୧ ତାରିଖ ସାତଦିନ ଧରି ପାରାଦୀପ ଜୟଦେବ ସଦନ ପ୍ରାଙ୍ଗଣରେ ଆୟୋଜିତ ହୋଇଆସୁଛି ପାରାଦୀପ ମହୋତ୍ସବ କ୍ଷ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପରେ ପାରାଦୀପ ମହୋତ୍ସବ ପାରାଦୀପ ଦର୍ଶକଙ୍କ ମନ ଜିଣିପାରିଛି । ଚ଼ଳିତ ବର୍ଷ ବାଜପେୟୀ ଙ୍କ ୧୦୧ତମ ଜନ୍ମଜୟନ୍ତୀକୁ ସ୍ମରଣୀୟ କରିବା ପାଇଁ ଅଟଳ ମେମୋରିଆଲ ଟ୍ରଷ୍ଟ ତରଫରୁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରହିଛି । ଏ ନେଇ ନୂଆବଜ଼ାର ସ୍ଥିତ କାର୍ଯ୍ୟାଳୟରେ ପାରାଦୀପ ବିଧାୟକ ତଥା ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଆହ୍ୱାନକ୍ରମେ ରବିବାର ଦିନ ଆୟୋଜିତ ପ୍ରସ୍ତୁତି ବୈଠକରେ ପାରାଦୀପ ମୁନିସିପାଲିଟି ର ସମସ୍ତ ଓ୍ୱାର୍ଡରୁ ଶତାଧିକ ସଂଖ୍ୟାରେ ଅଟଳ ବିହାରୀଙ୍କ ଶୁଭେଚ୍ଛୁମାନେ ଯୋଗଦେଇ ଚ଼ଳିତବର୍ଷର ପାରାଦୀପ ମହୋତ୍ସବ କୁ କିପରି ସରସ ସୁନ୍ଦର କରାଯାଇପାରିବ ଏ ନେଇ ମତାମତ ରଖିଥିଲେ । ପାରିଷଦ ସୁବ୍ରତ କୁମାର ପ୍ରଧାନ ଓ ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକ ସଫଳ ହୋଇଥିବା ବେଳେ ପାରାଦୀପ ମହୋତ୍ସବ କିପରି ସଫଳ ଓ ଦର୍ଶକ ଙ୍କ ଆକର୍ଷଣ ପାଲଟିବ ଏ ନେଇ ଆଲୋଚ଼ନା କରାଯାଇଥିଲା । ଏହି ପ୍ରସ୍ତୁତି ବୈଠକ ରେ ପାରାଦୀପ ବିଧାୟକ ତଥା ଶିକ୍ଷମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବ ?ଶ୍ୱର ବଳିୟାରସିଂ ଓ ପାରାଦୀପ ନଗର ମଣ୍ଡଳ ବିଜେପି ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନଙ୍କ ସମେତ ବଜରଙ୍ଗ ପ୍ରସାଦ ସ୍ୱାଇଁ, ଅର୍ଜିଲା ଶିବା, ସୁଲେମାନ ରାଜୁ, ପାରାଦୀପ ନଗର ବିଜେପି ଯୁବମୋର୍ଚ୍ଚା ସଭାପତି ଦିଲ୍ଲୀପ ବଳିୟାରସିଂ ଓ ସମସ୍ତ ଓ୍ୱାର୍ଡର କର୍ମୀ ଓ ମହିଳା ମୋର୍ଚ୍ଚା ର କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିବାକୁ ନିଜ ନିଜର ମତାମତ ରଖିଥିଲେ ।

### ଦୋଳଗୋବିନ୍ଦ ଦାଶଙ୍କ ଏକାଦଶାହ ସ୍ମୃତି ସଭାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ : ଯୋଗଦେଲେ ଶିକ୍ଷା ମନ୍ତ୍ରୀ

ପାରାଦୀପ,(ପି.ଏନ): ପାରାଦୀପର ବରିଷ୍ଠ ଗାନ୍ଧିବାଦୀ ଶ୍ରମିକ ନେତା ତଥା ଭାରତୀୟ ବନ୍ଦର ମଜଦୁର ସଂଘର ପ୍ରତିଷ୍ଠାତା ଦୋଳଗୋବିନ୍ଦ ଦାଶଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ସଭା ତାଙ୍କ ନୂଆବଜାର ସ୍ଥିତ ବାସଭବାନ ପରିସରରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ରାଜ୍ୟ ବ୍ରାହ୍ମଣ ସମାଜ ସଦସ୍ୟ ରମାକାନ୍ତ ଶତପଥୀ ଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ସଭାରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ସ୍ୱର୍ଗତ ଦୋଳଗୋବିନ୍ଦ ଦାଶ ଙ୍କ ଜୀବନୀ ଉପରେ ଆଲୋକପାତ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେହିପରି ଜିଲ୍ଲା ବିଜେପି ନେତା ସତ୍ୟବ୍ରତ ମହାପାତ୍ର,ଭାରତୀୟ ବନ୍ଦର ମଜଦୁର ସଂଘର ସଭାପତି ରାକେଶ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ତଥା ପାରାଦୀପ ବନ୍ଦର ଶ୍ରମିକ ଟ୍ରଷ୍ଟି ଶ୍ରୀକାନ୍ତ ରାୟ, ସୁଶୀଳ ମହାପାତ୍ର,ସାମ୍ବାଦିକ ଧ୍ରୁବ ମହାପାତ୍ର, ମହିଳା ନେତ୍ରୀ ସବିତା ମହାପାତ୍ର,ନିର୍ମଳା ଦ୍ୱିବେଦୀ,ମନୋରମା ଖଟୁଆ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦୋଳଗୋବିନ୍ଦ ଦାସ ଙ୍କ ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

## ଭୁବନେଶ୍ୱରକୁ ୧୦-ମିନିଟ ଡେଲିଭରି ଆଣିଛି ଫ୍ଲିପକାର୍ଟ ମିନିଟ୍ସ

ଭୁବନେଶ୍ୱର,(ପି.ଏନ): ଭାରତର ଘରୋଇ ଇକମର୍ସ ମାର୍କେଟପ୍ଲେସ ଫ୍ଲିପକାର୍ଟ ପକ୍ଷରୁ ଭୁବନେଶ୍ୱରରେ ଏହାର କ୍ୱିକ ଇକମର୍ସ ସର୍ଭିସ ଫ୍ଲିପକାର୍ଟ ମିନିଟ୍ସର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି । ଯାହା କେବଳ ୧୦ ମିନିଟରେ ଦୈନନ୍ଦିନ ସାମଗ୍ରୀ ପ୍ରଦାନ କରିବା ଏବଂ ଉପଭୋକ୍ତାଙ୍କ ପାଇଁ ସୁବିଧା, ବେଗ ଓ ମୂଲ୍ୟ ନିଶ୍ଚିତ କରିବା ପ୍ରତି ଏହାର ପ୍ରତିଶ୍ରୁତିବଦ୍ଧତାକୁ ସୁଦୃଢ଼ କରିଛି । ଫ୍ଲିପକାର୍ଟର ମାଇକ୍ରୋ ଫୁଲଫିଲମେଂଟ ସେଂଟର (ଏମଏଫସି)ଗୁଡିକ କିଟ୍ ଏରିଆ, ପ୍ରଶାଂ ବିହାର, ଶ୍ରୀ ବିହାର, ତୁଳସୀ ବିହାର, ବିଜୟ ନଗର, କାନନ ବିହାର, କୈଳାଶ ବିହାର ଓ ଶୈଳଶ୍ରୀ ବିହାର ଆଦି ସ୍ଥାନରେ ଏହି ସୁବିଧା ଉପଲବ୍ଧ ରହିଛି । ଏହା ଗ୍ରୋସରୀ, ମୋବାଇଲ, ଇଲେକ୍ଟ୍ରୋନିକ୍ସ ଓ ଅନ୍ୟାନ୍ୟ ବର୍ଗଗୁଡିକରେ ଏକ ବୃହତ ସଂଗ୍ରହ ପ୍ରଦାନ କରୁଛି । ସ୍ଥାନୀୟ ଉପଭୋକ୍ତା ତଥ୍ୟ ଉପରେ ଆଧାରକରି ଫ୍ଲିପକାର୍ଟ ମିନିଟ୍ସ ଆଂଚଳିକ ଭାବେ ଲୋକପ୍ରିୟ ବ୍ରାଣ୍ଡ ଯେପରିକି ପ୍ରଗତି, ପ୍ରଭୁଜୀ ଓ ମିଲ୍କି ମୁ ଆଦିର ଏକ ବିବିଧ ରେ ପ୍ରଦାନ କରୁଛି, ଯାହା ଦୈନନ୍ଦିନ ସାମଗ୍ରୀଗୁଡିକୁ ସହଜରେ ଉପଲବ୍ଧ କରୁଛି । ଏସମ୍ପର୍କରେ ଫ୍ଲିପକାର୍ଟ ଗ୍ରୁପର ଫ୍ଲିପକାର୍ଟ ମିନିଟ୍ସ, ସପ୍ଲାଇ ଚେନ, କଷ୍ଟମର ଏକ୍ସପେରିଏନ୍ସ ଆଣ୍ଡ ରିକମର୍ସ ବିଭାଗର ମୁଖ୍ୟ, ବରିଷ୍ଠ ଉପାଧକ୍ଷ, ହେମ' ବଦ୍ରୀ କହିଛ଼ି, 'ଭୁବନେଶ୍ୱରରେ ଫ୍ଲିପକାର୍ଟ ମିନିଟ୍ସର ଶୁଭାରମ୍ଭ ଓଡିଶାର ଉଚ୍ଚ ସମ୍ଭାବନା ଥିବା ଟିୟର ୨ ସହରଗୁଡିକରେ କ୍ୱିକ କମର୍ସ ଭିତିଭୂମିକୁ ବିସ୍ତାର କରିବା ପାଇଁ ଆମର ନିର'ର ପ୍ରୟାସଗୁଡିକୁ ପ୍ରତିଫଳନ କରୁଛି । ବେଗ ଓ ସୁବିଧାକୁ ନେଇ ବଢୁଥିବା ଆକାଂକ୍ଷା ସହିତ ଆମେ ମଜବୁତ, ହାଇପରଲୋକାଲ ସପ୍ଲାଇ ଚେନ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦେଉଛୁ ଯାହା ଆମକୁ ଗ୍ରାହକଙ୍କୁ ଅଧିକ ଦକ୍ଷତାର ସହ ସେବା ଯୋଗାଇବା ପାଇଁ ଅନୁମତି ଦେବ । ଏହି ପଦକ୍ଷେପ ସ୍ଥାନୀୟ ସେଲର, କୃଷକ ଓ କ୍ଷୁଦ୍ର ବ୍ୟବସାୟଗୁଡିକୁ ଡିଜିଟାଲ ଅର୍ଥନୀତିରେ ଅଧିକ ସାର୍ଥକ ଭାବେ ଅଂଶଗ୍ରହଣ କରିବା ଓ ଉନ୍ନତ ବଜାର ପହଂଚରୁ ଲାଭାନ୍ୱିତ ହେବା ପାଇଁ ସକ୍ଷମ କରିବ ।' ଭୁବନେଶ୍ୱରର ହାଇ-ଡିମାଣ୍ଡ ଜୋନଗୁଡିକରେ ସେବା ଯୋଗାଇବା ପାଇଁ ଅବସ୍ଥାପିତ ଏହି ଏମଏଫସିଗୁଡିକୁ ଦୈନନ୍ଦିନ ସାମଗ୍ରୀଗୁଡିକର ଏକ ବିସ୍ତୃତ ଚୟନ ଓ ବାରମ୍ବାର ଅର୍ଡର କରାଯାଉଥିବା ଅନ୍ୟ ବର୍ଗଗୁଡିକରେ ହାଇପରଲୋକାଲ ଡେଲିଭରିକୁ ସପୋର୍ଟ କରିବା ପାଇଁ ଡିଜାଇନ କରାଯାଇଛି । ଫ୍ଲିପକାର୍ଟ ଉପଭୋକ୍ତାଙ୍କ ପାଇଁ ସତେଜ ଫଳ ଓ ପନିପରିବା ଉପଲବ୍ଧ କରିବା ପାଇଁ ଭୁବନେଶ୍ୱରର ହଜାରରୁ ଅଧିକ ସ୍ଥାନୀୟ ସେଲର ଏବଂ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ (ଏଫପିଓ)ଗୁଡିକ ସହ ମିଶି କାର୍ଯ୍ୟ କରୁଛି । ମଜବୁତ ଯୋଗାଣ ଶୃଙ୍ଖଳା ନେଟୱାର୍କ ଓ ଏଆଇ-ପରିଚାଳିତ ଚାହିଦା ପୂର୍ବାନୁମାନ ଦ୍ୱାରା ସମର୍ଥିତ ଫ୍ଲିପକାର୍ଟ ମିନିଟ୍ସ ସ୍ଥାୟୀ ଅଭିବୃଦ୍ଧି ପାଇଁ ସକ୍ଷମ କରିବା ଏବଂ ସେମାନଙ୍କୁ ରଣନୈତିକ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ କୃଷକମାନଙ୍କ ସହ ମିଶି କାର୍ଯ୍ୟ କରୁଛି, ଏଥିସହିତ ସେମାନଙ୍କର ଦୀର୍ଘାବଧି ବିକାଶ ପାଇଁ ଜାତୀୟ ବଜାର ପାଇଁ ପହଂଚ ପ୍ରଦାନ କରୁଛି । ବିସ୍ତୃତ ଓ ମାଇକ୍ରୋ-ଫୁଲଫିଲମେଂଟ ଭିତିଭୂମିର ମିଳିତ ସମ୍ପ୍ରସାରଣ ଭୁବନେଶ୍ୱର ଓ ଆଖପାଖ ଅଂଚଳରେ ୱେୟାରହାଉସିଂ, ଲଜିଷ୍ଟିକ୍ସ ଓ ଲାଷ୍ଟ-ମାଇଲ ଅପରେଶନ ଭଳି କ୍ଷେତ୍ରରେ ହଜାର ହଜାର ସଂଖ୍ୟକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

## ଲେବର ପ୍ରୋଗ୍ରେସିଭ୍ ଫେଡରେଶନ ର ବାର୍ଷିକ ଉତ୍ସବ




କୋଣାର୍କ,(ପି.ଏନ):ସର୍ବ ଭାରତୀୟ ଶ୍ରମିକ ସଂଗଠନ ଲେବର ପ୍ରୋଗ୍ରେସିଭ୍ ଫେଡରେଶନ ର ୪ର୍ଥ ବାର୍ଷିକ ଉତ୍ସବ କୋଣାର୍କ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଫେଡରେଶନ ର ସର୍ବ ଭାରତୀୟ ସାଂଗଠାନିକ ସମ୍ପାଦକ ଭି ଭେନୁ ସ୍ୱାମୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଫେଡରେଶନ ର ପ୍ରାନ୍ତୀୟ ଉପ ସଭାପତି ତଥା ରାଜ୍ୟ ସଭାପତି ବିରେନ୍ଦ୍ର ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ହିନ୍ଦ୍ ମଜଦୂର ସଙ୍ଘ ସଭାପତି ଭୁବନାନନ୍ଦ ମହାପାତ୍ର, ଏ ଆଇ ୟୁ ଟି ୟୁ ସି ର ନେତା ନିରଞ୍ଜନ ମହାନ୍ତି, ଏ ଆଇ ସି ସି ଟି ୟୁ ର ନେତା ମହେନ୍ଦ୍ର ପରିଡ଼ା, ଟି ୟୁ ସି ସି ରାଜ୍ୟ ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତିର ତୀବ୍ର ସମାଲୋଚ଼ନା କରିଥିଲେ । କେନ୍ଦ୍ର ସରକାର ଦେଶରେ ପ୍ରଚ଼ଳିତ ଶ୍ରମ ଆଇନକୁ ଉଚ୍ଛେଦ କରି ୪ଟି ଶ୍ରମ କୋଡ ପ୍ରଚ଼ଳନ କରିଛନ୍ତି । ଯାହାକି ଶ୍ରମିକଙ୍କ ସ୍ୱାର୍ଥ ବିରୋଧୀ ବୋଲି ଶ୍ରମିକ ନେତା ମାନେ ମତପୋଷଣ କରିଥିଲେ । ଫେଡରେଶନ ର ରାଜ୍ୟ କାର୍ଯ୍ୟକାରୀ ସଭାପତି ମଧୁସୂଦନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସମ୍ପାଦକ ମାୟାଧର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରାଜେଶ୍ ଲେଙ୍କା, ରତ୍ନପର୍ଣ୍ଣା ପାତ୍ର, ସୁକାନ୍ତି ସାହୁ, ରେଣୁ ରାଓ, ବିଭୂତି ସାହୁ, ଗଣେଶ୍ୱର ବିଶ୍ୱାଳ, ସ୍ୱର୍ଣ୍ଣମୟୀ ରାଉତ, ଉପେନ୍ଦ୍ର ପ୍ରଧାନ ପ୍ରମୁଖ ପରିଚ଼ାଳନା କରିଥିଲେ ।

## ସତ୍ୟର ସନ୍ଧାନ ଓ ସତ୍ୟକୁ ସମର୍ଥନ ପାଇଁ ବିଦ୍ୟାର୍ଥୀଙ୍କୁ ଆହ୍ୱାନ – ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ



ଭୁବନେଶ୍ୱର ,(ପି.ଏନ): ଡିଏଭି ପବ୍ଲିକ୍ ସ୍କୁଲ ପୋଖରୀପୁଟରେ ବାର୍ଷିକ ଉତ୍ସବ ''ବସ୍ତାନି'' ଉଦଯାପିତ ହୋଇଯାଇଛି ଓ ପାରମ୍ପରିକ ରୀତିରେ ବେଦମନ୍ତ୍ର ପାଠ ସହ ଡିଏଭିଗାନପୂର୍ବକ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଓ ବିଦ୍ୟାଳୟ ପରିଚ଼ାଳନା ସମିତିର ଚେୟାରମ୍ୟାନ୍ ଡକ୍ଟର ଅରୁଣ କୁମାର ରଥ ଅତିଥିମାନଙ୍କର ସ୍ୱାଗତ ପରିଚ଼ୟ ପ୍ରଦାନ କରିଥିଲେ ଓ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିରୂପେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚ଼ିବ ଡ. ଅରବିନ୍ଦ ପାଢ଼ୀ ଯୋଗଦାନ କରି ବିଦ୍ୟାର୍ଥୀ, ଅବିଭାବକ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପଂସୂତ୍ରୀ ପରାମର୍ଶ ପ୍ରଦାନ କରିଥିଲେ ଓ ବିଦ୍ୟୁତ୍ ଅପବ୍ୟବହାରର ପ୍ରତିରୋଧ, ଜଳ ସଂରକ୍ଷଣ, ଖାଦ୍ୟର ସୁବିନିଯୋଗ, ନିୟମିତ ବୃକ୍ଷରୋପଣ ଓ ଜୈବବିଭାଜ୍ୟଯୁକ୍ତ ପ୍ଲାଷ୍ଟିକ୍.ର ବ୍ୟବହାର ଯାହାକି ପରିବେଶ ଅନୁକୂଳ ବାତାବରଣ ସୃଷ୍ଟି କରିପାରିବ ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ ଓ ଏତତ୍ ବ୍ୟତୀତ ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ ରହି ସବୁବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସହ ଜଣେ ସ୍ୱେଚ୍ଛାସେବୀର ମନୋଭାବ ରଖି ସମାଜ କଲ୍ୟାଣରେ ବ୍ରତୀ ହେବାକୁ ସେ କହିଥିଲେ ଓ ଡିଏଭି କଳିଙ୍ଗନଗରର ଚେୟାରମ୍ୟାନ ଶ୍ରୀଯୁକ୍ତ ମଦନ ମୋହନ ପଣ୍ଡା ଏବଂ ଡିଏଭି ଓଡ଼ିଶା ସମୂହର ଆଚଳିକ ନିର୍ଦ୍ଦେଶକ ଡ. କେଶବ ଚ଼ନ୍ଦ୍ର ଶତପଥୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରତିଭାସମ୍ପନ୍ନ ବିଦ୍ୟାର୍ଥୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିଥିଲେ ଓ ଡିଏଭି ଜୋନ୍ ଏଫ୍.ର ସହ ଆଂଳିକ ଅଧିକାରୀ ତଥା ବିଦ୍ୟାଳୟର ଅଧକ୍ଷ ବିପିନ କୁମାର ସାହୁ ଚ଼ଳିତ ବର୍ଷର ବିବିଧ କାର୍ଯ୍ୟକ୍ରମ ତଥା କୃତିତ୍ୱ ସମ୍ବନ୍ଧୀୟ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଏହି ଅବସରରେ ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀ, ଦଶମଶ୍ରେଣୀରେ ଅଧ୍ୟାପନା କରୁଥିବା କୃତିତ୍ୱଧାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଜର କର୍ମ ନିପୁଣତା ପାଇଁ ପୁରସ୍କୃତ କରାଯାଇଥିଲା ଓ ବିଭିନ୍ନ ଡିଏଭି ଶିକ୍ଷାନୁଷ୍ଠାନର ଅଧକ୍ଷ ଅଧକ୍ଷା ତଥା ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ଓ ବିଦ୍ୟାଳୟର ସାଂସ୍କୃତିକ ବିଭାଗର ସହ ସଂଯୋଜିକା ସ୍ମିତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଓ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ଚ଼ିତାକର୍ଷକ ସାଂସ୍କୃତିକ ବିଚ଼ିତ୍ର କାର୍ଯ୍ୟକ୍ରମକୁ ଉପସ୍ଥିତ ଦର୍ଶକମାନେ ଭୂୟସୀ ପ୍ରଶଂସା କରିଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray